# ଡଗରା ବେଳାଭୂମିର ବିକାଶରେ ସରକାରଙ୍କ ଅବହେଳା




**● ସାମ୍ବାଦିକ ସମ୍ମିଳନୀ କରି ବର୍ଷିଲା ଡଗରା ବେଳାଭୂମି ଉନ୍ନୟନ କମିଟି**
**● ରାଜରାସ୍ତାକୁ ଓହ୍ଲାଇବାର ଚେତାବନୀ**

ବାଲିଆପାଳ, ୨୧।୧ (ସମିସ)

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମିର ଉନ୍ନତି କରଣ ଓ ରାସ୍ତା ନିର୍ମାଣରେ ସରକାରୀ କଳର ଅବହେଳାକୁ ବିରୋଧ କରି ଡଗରା ବିଚରେ ବୁଧବାର ବେଳାଭୂମି ଉନ୍ନୟନ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡଗରା ବେଳାଭୂମିର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ରାଶି ଘୋଷଣା କରି ଆସୁଥିବା ବେଳେ ବର୍ଷ ବର୍ଷ ଧରି କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରୁ ନାହିଁ। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏଠାକୁ ପିକନିକ କରିବାକୁ ଛୁଟି ଆସୁଥିବାବେଳେ ରାସ୍ତା ସହିତ ସେଭଳି କିଛି ସୁବିଧା ନ ଥିବାରୁ ବେଳାଭୂମି ପ୍ରତି ବିମୁଖ ହେଉଛନ୍ତି ଲୋକେ। ତେବେ ପଂଚାୟତ ତରଫରୁ କରାଯାଇଥିବା ଏକ ପାର୍କକୁ ମଧ୍ୟ ଜିଲ୍ଲାପାଳ ଭାଙ୍ଗିଦେବାକୁ ବାରମ୍ବାର ନିର୍ଦ୍ଦେଶ ଦେଉଛନ୍ତି। କାହା ଚାପରେ ଜିଲ୍ଲାପାଳ ଚେପା ହେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଡଗରା ବେଳାଭୂମି ଉନ୍ନୟନ କମିଟି। ଆଗାମୀ ଦିନରେ ଯଦି ରାସ୍ତା ସହିତ ବେଳାଭୂମିର ବିକାଶ ନ ହୁଏ ତେବେ ବେଳାଭୂମି କମିଟି ଏହାର ତୀବ୍ର ବିରୋଧ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କମିଟିର ସଭାପତି ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଉପସଭାପତି ମନୋଜ କୁମାର ଦାସ, ସଂପାଦକ ନିତ୍ୟାନନ୍ଦ ଜେନା, ସଦସ୍ୟ ତୀର୍ଥ କୁମାର ନାଥ, ହରିହର ଜେନା, ରମେଶ ଚନ୍ଦ୍ର ଖଟୁଆ, ଶ୍ରୀପତି ଜେନା, ମାନଗୋବିନ୍ଦ ଖଟୁଆ, ପ୍ରଫୁଲ୍ଲ ସାହୁ, ସୁଧାଂଶୁ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା

ବାଲିଆପାଳ, ୨୧।୧ (ସମିସ): ବାଲିଆପାଳ ପୁଲିସ ପକ୍ଷରୁ ଗୋଲାପ ଫୁଲ ଦେଇ ବାଇକ ଆରୋହୀଙ୍କୁ ସଚେତନ କରାଇଲେ ବାଲିଆପାଳ ଥାନା ଅଧିକାରୀ।ସାରା ରାଜ୍ୟରେ ଦିନକୁ ଦିନ ସଡକ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ମଙ୍ଗଳବାର ବାଲିଆପାଳ ପୁଲିସ ଏବଂ ସୁବର୍ଣ୍ଣ ରେଖା ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ରାଉତଙ୍କ ତତ୍ୱାବଧାନରେ ଶୀତକାଳୀନ ସେବା ଶିବିରର ଛାତ୍ର ଛାତ୍ରୀ ମାନଙ୍କ ସହଭାଗିତାରେ ଦୋଭକ ଛକଠାରେ ସଡ଼କ ସୁରକ୍ଷା ସଚେତନତା କରାଯାଇଛି। ଟ୍ରାଫିକ ନିୟମ ପ୍ରତି ଧ୍ୟାନ ଦେବା ସହିତ ସମସ୍ତ ନିତି ନିୟମର ପାଠ ପଢ଼ାଇଥିଲେ ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ। ଏହି ଅବସରରେ ସବଇନ୍ସପେକ୍ଟର ପ୍ରେମ ପ୍ରତାପ ବାହିନୀ, ମହାବିଦ୍ୟାଳୟର ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ, ପାର୍ବତୀ ମୁର୍ମୁ, ପୁଷ୍ପାଞ୍ଜଳି ବିରଳି, ସୁଭ୍ରାଶିଳ୍ପୀ ରାଉତ, ରତିରଞ୍ଜନ କବାଟ, ରାଜେନ୍ଦ୍ର ପ୍ରଧାନ, ନିଳାମ୍ବର ଧଳ, ଶିବିର ପ୍ରୋଗ୍ରାମ ଅଫିସର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରେମାନନ୍ଦ ସେଠି ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମଦ ଜବତ, ୨ ଗିରଫ

ଭୋଗରାଇ,୨୧।୧(ସମିସ): ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଚଢାଉ କରାଯାଇ ୬୭ ଲିଟର ଚୋରା ମଦ ଜବତ ସହିତ ୨ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ସୁଲତାନପୁର ପଞ୍ଚାୟତର ରସୀଦପୁର ଗ୍ରାମର ଖଗେନ୍ଦ୍ର ସାହୁଙ୍କ ସ୍ତ୍ରୀ ଆସାଲତା ସାହୁଙ୍କ ପାଖରୁ ୩୨ ଲିଟର ଚୋରା ମଦ ସେହିପରି ଭୋଗରାଇ ପଞ୍ଚାୟତର ସେହି ଗ୍ରାମର ଅର୍ଜୁନ ସୋରେନଙ୍କ ସ୍ତ୍ରୀ ଲକ୍ଷ୍ମୀ ସୋରେନ ପାଖରୁ ୩୫ ଲିଟର ଚୋରା ମଦ ଜବତ କରିଛି ଅବକାରୀ ବିଭାଗ। ଏ ନେଇ ଅବକାରୀ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଏହି ଚଢ଼ଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ବ୍ରହ୍ମଜିତ ଦାସ ସହିତ ଅନ୍ୟମାନେ ସାମିଲ ଥିଲେ।

## ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଳେଶ୍ୱର ବ୍ଲକ, ୨୧।୧(ସମିସ) : ଖୁଲୁଡ଼ା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟର ୬୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବର ପ୍ରଥମ ଓ ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ଖୁଲୁଡ଼ା ଶୀତଳା ସରକାରୀ ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେଶ କୁମାର ଦାସ। ମୁଖ୍ୟଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଜେନା, ଭାର ପ୍ରାପ୍ତ ସରପଞ୍ଚ ଜ୍ୟୋସ୍ନାରାଣୀ ସାମଲ, ପ୍ରଥମ ଅଧିବେଶନର ମୁଖ୍ୟ ବକ୍ତା ଅଧ୍ୟାପକ ଦୟାନିଧି ସାହୁ, ସମ୍ମାନୀତ ଅତିଥି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଗୁରୁ ପ୍ରସାଦ ରାଉଳ, ପ୍ରାକ୍ତନ ଶିକ୍ଷକ ରବିନ ମିଶ୍ର,ସମ୍ମାନୀତ ଅତିଥି ସି ଆର ସି ସି ଅଜିତ ପାତ୍ର, ମଞ୍ଚ ଆମନ୍ତ୍ରଣ କରୁଥିଲେ ବିଜ୍ଞାନ ଶିକ୍ଷକ ଅଞ୍ଜନ ପ୍ରଧାନ ଓ ଆର ମୋଲିନା, ଉମାକାନ୍ତ ସିଟ୍ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ପ୍ରଫେସର ସଞ୍ଜୟ ଦେ,ମୁଖ୍ୟ ବକ୍ତା ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ବରେଣ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ ଅଜିତ ମହାନ୍ତି ଯୋଗଦାନ କରି ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ସମଗ୍ର ଓଡ଼ିଶାରେ ୮,୬୦୦ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ଶ୍ରେଷ୍ଠ ୧୦ଟି ହାଇସ୍କୁଲ ମଧ୍ୟରୁ ଷଷ୍ଠ ସ୍ଥାନ ଅଧିକାର କରିଥିବା ଏବଂ ମୁଖ୍ୟ ମନ୍ତ୍ରୀ ଙ୍କ ପାଖରୁ ଆଦର୍ଶ ପ୍ରଧାନ ଶିକ୍ଷକ ଭାବରେ ଡଃ ଅଜିତ ମହାନ୍ତି ପୁରସ୍କାର ପାଇବା ଏ ମାଟି ତଥା ଖୁଲୁଡା ପଞ୍ଚାୟତକୁ ଧନ୍ୟ କରିଛନ୍ତି। ସମ୍ମାନୀତ ଅତିଥି ପ୍ରାକ୍ତନ ସରପଞ୍ଚ ଜ୍ୟୋତିର୍ମୟ ଆଚାର୍ଯ୍ୟ, ଅନ୍ୟତମ ସମ୍ମାନୀତ ଅତିଥି ଅନୀଲ ମହାନ୍ତି ବକ୍ତବ୍ୟ ରଖିଥିଲେ। ମଞ୍ଚ ଆହ୍ୱାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସଞ୍ଜୟ ପାକଳ। ଧନ୍ୟବାଦ ଅର୍ପଣ ଅଞ୍ଜନ ପ୍ରଧାନ।

## ଜୟ ନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ



ବାଲିଆପାଳ, ୨୧।୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକଛକ ସ୍ଥିତ ଇନ୍ଦିରା ଶିଶୁ ଉଦ୍ୟାନରେ ଦିବସ ବ୍ୟାପୀ ବାଲିଆପାଳର ବିକାଶ ପୁରୁଷ ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସକାଳେ ପୁରୁଣା ବସଷ୍ଟାଣ୍ଡରୁ ଖଗଡାପାଳସ୍ଥିତ ଶ୍ରଦ୍ଧାକ୍ଷେତ୍ର ପର୍ଯ୍ୟନ୍ତ ଗଣ ଦୌଡ ଅନୁଷ୍ଠିତ ହୋଇଥିଲା। ବସ୍ତା ଏସଡିପିଓ ମାନସ ଦେଓ ଏହାର ଶୁଭ ଉଦଘାଟନ କରିଥିଲେ। ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁଙ୍କ ସମେତ ବାଲିଆପାଳ ଫିଜିକାଲ କଲେଜ, ଲକ୍ଷ୍ମୀ ପ୍ରୀୟା କଲେଜ ଏବଂ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଏହି ଗଣ ଦୌଡରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଅଧିବେଶନରେ ଆୟୋଜିତ ଉତ୍ସବରେ ଉଦଘାଟକ ଭାବେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହିତ ଜୟନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ମୃତି କମିଟିର ସଭାପତି ବ୍ରଜକିଶୋର ଭୂୟାଁ ଙ୍କ ସଭାପତିତ୍ୱରେ ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ଜୟନାରାୟଣ କେବଳ ବାଲିଆପାଳ ମାଟିର ଦାୟଦ ନୁହଁନ୍ତି। ସେ ସାରା ରାଜ୍ୟରେ ପରିଚିତ। ଆଜି ବାଲିଆପାଳ ହେଉ କି ଜଳେଶ୍ୱର ହେଉ ଯେଉଁଠି ଦେଖିବେ ସବୁ ସ୍ଥାନରେ କେବଳ ଜୟନାରାୟଣଙ୍କ ଛାପ ହିଁ ଦେଖିବାକୁ ମିଳିବ। ବାଲିଆପାଳ ଜଗନ୍ନାଥ ମନ୍ଦିରକୁ ପ୍ରତିଷ୍ଠା କରି ଇତିହାସର ସ୍ୱର୍ଣ୍ଣକ୍ଷେତ୍ରରେ ଅମର କୀର୍ତ୍ତି ଅର୍ଜନ କରିଛନ୍ତି ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜନ ନାୟକ, ହୃଦୟ ରଞ୍ଜନ ତ୍ରିପାଠୀ, ମୁରଲୀ ମୋହନ ସାହୁ, ସଞ୍ଜୟ ଦେ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ, ରବିନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଜୟନାରାୟଣଙ୍କର କୀର୍ତ୍ତି ଓ ଗାରିମା ବିଷୟରେ ଆଲୋଚନା କରିଥିଲେ। ବାଲିଆପାଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରାଖାଲ ଚନ୍ଦ୍ର ମାହାନା, ବିଶିଷ୍ଟ ନାଟ୍ୟକାର ରାମଚନ୍ଦ୍ର ତ୍ରିପାଠୀ, ବିଶିଷ୍ଟ କୃଷିବିତ ଅନନ୍ତ ରାଉତ, କ୍ରୀଡା ଓ ସାମ୍ବାଦିକତା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସାମ୍ବାଦିକ ପ୍ରତାପ କୁମାର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

## ଗୋବିନ୍ଦପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୀଳଗିରି, ୨୧।୧ (ସମିସ); ଗୋବିନ୍ଦପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୩୯ ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ରେମୁଣା ବ୍ଲକ ଉପାଧକ୍ଷା ସୁମତି ବେହେରା, ଖରିଦ ମୁଖୁରା ସରପଞ୍ଚ ସମଲେଶ୍ୱରୀ ଜେନା, ସୋମନାଥପୁର ଶାନ୍ତି କମିଟି ସଭାପତି ଧିରେନ୍ଦ୍ର ମହାପାତ୍ର ଯୋଗ ଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏସଏମସି କମିଟି ସଭ୍ୟ ତଥା ପୂର୍ବତନ ସଭାପତି ପ୍ରଭାତ କୁମାର ବିଶ୍ୱାଳ ସଭାପତିତ୍ୱ ଏବଂ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ବୀରେନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଅବଦୁଲ କାସିମ ଖାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ



କାଳିପଦା, ୨୧।୧ (ସମିସ): ବସ୍ତା ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ସଭା ଗୃହରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇ ଯାଇଛି। ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରି, ବସ୍ତା ବ୍ଲକ ଚେୟାରମ୍ୟାନ ଅଞ୍ଜଳି ଦାସ, ବିଜେପି ଜିଲ୍ଲା ସଭାପତି ପ୍ରଦୀପ ପଣ୍ଡା, ସିଂଳା ସରପଞ୍ଚ ବିପିନ ବିଶ୍ୱାଳ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ରଗୀତ ବନ୍ଦେ ମାତରମର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ରାଷ୍ଟ୍ର ଗୀତକୁ ସଭାରେ ସମୂହ ଭାବେ ଗାନ କରାଯାଇ ଥିଲା। ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇ ଥିଲା।

## ଜଗନ୍ନାଥ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



ଜଳେଶ୍ୱର, ୨୧।୧ (ସମିସ) : ଜଳେଶ୍ୱର ପୌରପାଳିକା ମଧ୍ୟରେ ଥିବା ଜଗନ୍ନାଥ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ସରୋଜ ମହାନ୍ତି ସଭାପତିତ୍ୱ କରି ମହାବିଦ୍ୟାଳୟର ବର୍ଷଯାକର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ସଂଯୋଜକ ପ୍ରଫେସର ଡ. ଅମୂଲ୍ୟ ଆଚାର୍ଯ୍ୟ, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ ରଣା ଯୋଗଦେଇ ଶିକ୍ଷାର୍ଥୀମାନେ ପାଠପଢା ସହିତ ନୈତିକ ଶିକ୍ଷା ଓ ରାଷ୍ଟ୍ରଭକ୍ତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ତହସିଲଦାର ସତ୍ୟଜିତ୍ ମହାନ୍ତି, ଅଶୋକ ପାତ୍ର ଯୋଗଦେଇ ବଡ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବାକୁ କହିଥିଲେ। ଡ. ମନାଲିଶା ଚାନ୍ଦ ମଂଚ ଆହ୍ୱାନ କରିଥିବା ବେଳେ ଅଶୋକ ରଥ ବେଦପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଜ୍ଞାନରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଡ. ଅମୂଲ୍ୟ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିବା ବେଳେ ୪୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

## ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବଦଳି ଦାବି

କାଳିପଦା, ୨୧।୧ (ସମିସ): ବାଲିଆପାଳ ବ୍ଲକ ଏବେ ଦୁର୍ନୀତି ଗ୍ରସ୍ତ କର୍ମଚାରୀଙ୍କ ପେଣ୍ଠସ୍ଥଳୀ ପାଲଟିଛି। କର୍ମଚାରୀମାନେ ଏଠାରେ ୧୦ବର୍ଷରୁ ଅଧିକ ବର୍ଷ ହେବ ଆସନ ମାଡି ବସିଛନ୍ତି। ଏମାନଙ୍କର ବଦଳି ଓ କରିଥିବା ଦୁର୍ନୀତିର ତଦନ୍ତ ଦାବିକରି ଆଜି ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କର୍ମଚାରୀମାନେ ଦୀର୍ଘ ଦିନ ରହିବା କାରଣରୁ କିଛି ମୁଷ୍ଟିମେୟ ରାଜନେତାଙ୍କୁ ହାତ କରି ପ୍ରଧାନମନ୍ତ୍ରୀ ଆବାସ ଘର, ମନରେଗା କାମ, ଭତ୍ତା ଓ ରାସନ କାର୍ଡ ପ୍ରସ୍ତୁତି, ବିକଳାଙ୍ଗ ଭତ୍ତା, ରାସ୍ତା ଘାଟ, ପୋଲ ନିର୍ମାଣ, ଅନ୍ୟାନ କାର୍ଯ୍ୟରେ ବ୍ୟାପକ ହେର ଫେର, ମିଥ୍ୟା ବିଲ କରି ଉଠାଇ ନେବା ଭଳି ଘଟଣା ଘଟୁଛି। ସୂଚନା ଅଧିକାରରେ ତଥ୍ୟ ମାଗିଲେ ମଧ୍ୟ ମିଳୁ ନାହିଁ। ଏ ନେଇ ବ୍ୟାପକ ଆନ୍ଦୋଳନ ହେବ ବୋଲି ସଭାପତି ଅନୁଜ କୁମାର ମହାପାତ୍ର, ଗୋପୀନାଥ ଗଙ୍ଗାଇ, ସେକ ବାବୁ, କୁଶଧ୍ୱଜ ଜେନା, ବାଦଲ କୁମାର ପାତ୍ର, ଶରତ କୁମାର ପାତ୍ର, ଦେବେନ୍ଦ୍ର କୁମାର ଦାସ, ପ୍ରହ୍ଲାଦ କୁମାର ଘଡ଼ାଇ ପ୍ରମୁଖ ସରକାରଙ୍କୁ ମଧ୍ୟ ଚେତାବନୀ ଦେଇଛନ୍ତି। ବିଡ଼ିଓ ରାଧା ରଞ୍ଜନ ଦାସ ସେମାନଙ୍କଠୁ ଦାବିପତ୍ର ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇବେ ବୋଲି ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ ବନ୍ଦେ ମାତରମ୍ ୧୫୦ତମ ବାର୍ଷିକ ଉତ୍ସବ




ଔପଦା, ୨୧।୧(ସମିସ): ରାଷ୍ଟ୍ର ଗୀତ "ବନ୍ଦେ ମାତରମ'ର ୧୫୦ତମ ବାର୍ଷିକୀ ଉତ୍ସବ ପାଳନ ଅବସରରେ ବ୍ଲକସ୍ତରୀୟ ପୁରସ୍କାର ବିତରଣ ସମାରୋହ ଔପଦା ପିଏମଶ୍ରୀ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପୁରସ୍କାର ବିତରଣୀ ସଭାରେ ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ଶାଶ୍ୱତୀ ସାହୁଆଳ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସ, ଔପଦା ଡିଗ୍ରୀ କଲେଜର ସଂସ୍କୃତ ଅଧ୍ୟାପକ ଦ୍ୱାରିକା ନାଥ ଶତପଥୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବ୍ଲକର କମ୍ପ୍ୟୁଟର ସହକାରୀ ପରିଚାଳକ ମାନସ ଦାଶ ମଞ୍ଚ ପରିଚାଳନା ସହିତ ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ମାତରମ ଗୀତରେ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା।

## ଆଦର୍ଶ ଶିକ୍ଷକଙ୍କ ପରଲୋକରେ ଶୋକର ଛାୟା

କାଳିପଦା, ୨୧।୧ (ସମିସ): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ମାଧ୍ୟମିକ ଶିକ୍ଷକ ତାଲିମ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶଚିନ୍ଦ୍ର କୁମାର ପୃଷ୍ଟିଙ୍କ ପରଲୋକ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ପୃଷ୍ଟି ହଳଦୀପାଳ ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ଘର ବାଲେଶ୍ୱର ସଦର ବ୍ଲକ କଷାଫଳ ଗ୍ରାମ ହୋଇଥିବାବେଳେ ସେଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି।

## ଆତ୍ମସୁରକ୍ଷା ଅଭିଯାନ ଉଦ୍‌ଯାପିତ

ନୀଳଗିରି, ୨୧।୧ (ସମିସ): ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ସାତ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଆତ୍ମ ସୁରକ୍ଷା ଅଭିଯାନର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବରିଷ୍ଠ ଅଧ୍ୟାପିକା ମମତା ବରାଳ, ମଣିମାଳା ବିଶ୍ୱାଳ, ଅଧ୍ୟାପିକା ମୌସୁମୀ ଭୋଳ, ଅଧ୍ୟାପକ ଡ. ପ୍ରଦୀପ୍ତ ମିଶ୍ର ଅତିଥିଭାବରେ ଯୋଗଦାନ କରିଥିବାବେଳେ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସୁଷମା ସିଂହ ମଞ୍ଚ ପରିଚାଳନା କରିଥିଲେ। ପ୍ରଶିକ୍ଷିକା ଭାବରେ ରଶ୍ମିରେଖା ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କ ମଧ୍ୟରେ ଥିବା ଉତ୍ସାହକୁ ପ୍ରକାଶ କରିବା ସହ ଅଧ୍ୟକ୍ଷା ପଣ୍ଡାଙ୍କ ଠାରୁ ସାର୍ଟିଫିକେଟ ଗ୍ରହଣ କରିଥିଲେ।

## ଅଜଣା ଯୁବକର ମୃତଦେହ ଉଦ୍ଧାର

ଲଙ୍ଗଳେଶ୍ୱର, ୨୧।୧(ସମିସ) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ମହାବଳା କୋଷ୍ଟ କେନାଲ ରାସ୍ତାରେ ଅଜଣା ଯୁବକର ମୃତ ଦେହ ଉଦ୍ଧାର ହୋଇଛି। ଆଜି ଅପରାହ୍ନରେ ଅଜଣା ଯୁବକର ମୃତଦେହ ରାସ୍ତା କଡରେ ପଡି ଥିବା ର ଦେଖି ସ୍ଥାନୀୟ ଲୋକେ ବାଲିଆପାଳ ପୁଲିସ ଏବଂ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଆମ୍ବୁଲାନ୍ସ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ହସପିଟାଲ ପଠାଇ ଥିବା ବେଳେ ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ତଦନ୍ତ କରୁଛି ପୁଲିସ।

**● ୨୦ କ୍ୱିଣ୍ଟାଲ ମଧ୍ୟାହ୍ନଭୋଜନ ଚାଉଳ ପ୍ରଧାନଶିକ୍ଷକ ବିକ୍ରି କରିବା ଅଭିଯୋଗ**

## ସ୍କୁଲ ସମ୍ମୁଖରେ ଅଭିଭାବକଙ୍କ ଧାରଣା



**ବାହାରେ ପାଠ ପଢିଲେ ଛାତ୍ରଛାତ୍ରୀ**

ଲଙ୍ଗଳେଶ୍ୱର, ୨୧।୧ (ସମିସ) : ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପାଇଁ ଆସିଥିବା ୨୦ କ୍ୱିଣ୍ଟାଲ ଚାଉଳ ପ୍ରଧାନଶିକ୍ଷକ ବିକ୍ରି କରିଥିବା ଅଭିଯୋଗରେ ବିଦ୍ୟାଳୟରେ ଦେଖା ଦେଇଛି ଉତ୍ତେଜନା। ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ବିଦ୍ୟାଳୟରେ ତାଲା ପକାଇ ଗ୍ରାମବାସୀ ଦେଇଛନ୍ତି ଧାରଣା। ଅନ୍ୟପଟେ ବିଦ୍ୟାଳୟ ବନ୍ଦ ଥିବାରୁ ବାହାରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଆଲୁମେଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଦୃଶ୍ୟ। ପ୍ରଧାନ ଶିକ୍ଷକ ସାରିପୁତ୍ତ ଟୁଡୁ ଗତ ଅକ୍ଟୋବର ମାସ ଏବଂ ଚଳିତ ମାସ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଆସିଥିବା ୨୦ କ୍ୱିଣ୍ଟାଲ ଚାଉଳ ବିକ୍ରି କରି ଦେଇଥିବା ନେଇ ଅଭିଭାବକ ଏବଂ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ଆସୁ ନ ଥିବାବେଳେ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଅଭିଭାବକ ଯୁଧିଷ୍ଠିର ମଲ୍ଲିକ, ଜୟନ୍ତ ମଣ୍ଡଳ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିଦ୍ୟାଳୟ ଫାଟକରେ ତାଲା ପକାଇ ଗ୍ରାମବାସୀଙ୍କ ଗଣଧାରଣା



ଜଳେଶ୍ୱର/ଜଳେଶ୍ୱର ବ୍ଲକ,୨୧।୧(ସମିସ)

ରାଇବଣିଆ ଥାନା ଅନ୍ତର୍ଗତ କାଳିକ ପଞ୍ଚାୟତର ହାତୀଗଡ ଉଚ୍ଚ ବିଦ୍ୟାଳୟରେ ୩୦ ବର୍ଷ ଧରି ସ୍ଥାୟୀ ଶିକ୍ଷକ ନିଯୁକ୍ତି ଓ ଗଣେଶ କି ସରସ୍ୱତୀ ପୂଜା ବିଦ୍ୟାଳୟରେ ନ ହେବାକୁ ନେଇ ବିଦ୍ୟାଳୟର ଏସଏମସି କମିଟିର ସଭାପତି ଚନ୍ଦନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ବିଦ୍ୟାଳୟର କର୍ମଚାରୀଙ୍କୁ ବାହାରେ ରଖି ବୁଧବାର ଅନିର୍ଦ୍ଦିଷ୍ଟ କାଳ ଆମରଣ ଅନଶନ ଓ ଗଣଧାରଣାରେ ବସିଥିଲେ। ଛାତ୍ରଛାତ୍ରୀମାନେ ଫାଟକ ସାମ୍ନାରେ ବସିଥିବାର ପରିଲକ୍ଷିତ ହୋଇଥିଲା। ସୂଚନାଯୋଗ୍ୟ ଯେ,ଏହି ବିଦ୍ୟାଳୟରେ ୧୮୪ ଜଣ ଛାତ୍ରଛାତ୍ରୀ। ଜଣେ ପ୍ରଧାନଶିକ୍ଷୟିତ୍ରୀ କଳ୍ପଲତା ସ୍ୱାଇଁ, ଖେଳ ଶିକ୍ଷୟିତ୍ରୀ ସୁଲୋଚନା ବାରିକ ଓ ଜଣେ ପିଅନ୍‌କୁ ନେଇ ବିଦ୍ୟାଳୟ ଚାଲିଛି। ବିଦ୍ୟାଳୟକୁ କୌଣସି କାଗଜପତ୍ରର ପ୍ରମାଣ ନ ଥାଇ ଜିଲ୍ଲା ଗଣଶିକ୍ଷା ବିଭାଗ ମାଇନୋରିଟୀ ବିଦ୍ୟାଳୟ ଷ୍ଟାଟସରେ ଦର୍ଶାଇ ଥିବାରୁ ସମସ୍ତ ସରକାରୀ ସୁବିଧା ସୁଯୋଗ ବିଦ୍ୟାଳୟଟି ୧୯୯୪ରୁ ପାଉଥିଲା ବେଳେ ଓ ୮୦ ପ୍ରତିଶତ ହିନ୍ଦୁ ଛାତ୍ରଛାତ୍ରୀ ପାଠପଢୁଥିବା ବେଳେ ଗଣେଶ ଅବା ସରସ୍ୱତୀ ପୂଜା ବିଦ୍ୟାଳୟରେ ନ ହେବା ଦ୍ୱନ୍ଦର ବିଷୟ ପାଲଟିଛି। ଏଥିନେଇ ଗତ ୧୩ ତାରିଖରେ ଧାରଣାକାରୀ ଓ କିଛି ଜନ ପ୍ରତିନିଧି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଓ ଦାବୀପତ୍ର ଦେଇ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟରେ ଦାବି ପୂରଣ ନ ହେଲେ ଉକ୍ତ ଦିନରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଗଣଧାରଣା ଦେବାର ଚେତାବନୀ ଦେଇଥିଲେ। ବୁଧବାର ଏପରି ପରିସ୍ଥିତି ଦେଖିବାକୁ ମିଳିଥିଲା। ଧାରଣା ଶାନ୍ତିପୂର୍ଣ୍ଣ ଭାବରେ ଚାଲିଥିବା ବେଳେ ଜଳେଶ୍ୱର ଆଇଆଇସି ଅଶୋକ ବାରିକ ରାଇବଣିଆ ପୁଲିସ ସହ ଉପସ୍ଥିତ ଥିଲେ। ଦିନ ୧୧.୩୦ ରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମାହାନ୍ତି,ଏସଡିପିଓ ସୁବ୍ରତ କୁମାର ବେହେରା, ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ଆରଆଇ ନିଶିକାନ୍ତ ସିଂ,ରେଭିନିଉ ସୁପରଭାଇଜର ସରତ କୁମାର ବେହେରା, ଗୋପାଳ ମାଝୀ ପହଞ୍ଚି ବସିଥିବା ଆମରଣ ଅନଶନରେ ପ୍ରଫୁଲ୍ଲ ସୁର, ଚିତ୍ତରଞ୍ଜନ ବିଶ୍ୱାଳ,ତରୁଣ ପଟ୍ଟନାୟକ,ବସନ୍ତ ସାମଲ ଓ ସତ୍ୟରଞ୍ଜନ ବିଶ୍ୱାଳଙ୍କୁ ବୁଝାସୁଝା କରିଥିଲେ। ତହସିଲଦାର ଶ୍ରୀ ମହାନ୍ତିଙ୍କ ସହ ଏସଡିପିଓ ଶ୍ରୀ ବେହେରାଙ୍କ ଲିଖିତ ପ୍ରତିଶୃତି ପରେ ଦିନ ୧ ଘଟିକାରେ ଅନଶନ ଭଙ୍ଗ ହୋଇ ବିଦ୍ୟାଳୟ ପରିସର ସ୍ୱାଭାବିକ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନଜରରେ ରଖି ପ୍ରତିଶୃତି ପତ୍ରରେ ଉଲ୍ଲେଖ ରଖାଯାଇଛି ଯେ, ୧୫ ଦିନ ଭିତରେ ଜିଲ୍ଲାପାଳଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଏସଏମସି କମିଟିର ସମସ୍ତ ସଦସ୍ୟ ତଥା ଅନଶନରେ ବସିଥିବା ଲୋକଙ୍କ ସହ ଏକ ପ୍ରଶାସନିକ ବୈଠକ ବସି, ସମସ୍ୟାର ସମାଧାନ କରାଯିବ।

# ତାଳସାରୀରୁ ସୁବର୍ଣ୍ଣରେଖା ମୁହାଁଣ ଯାଏଁ ସରିଲା ଡଲଫିନ ଗଣନା

ଚନ୍ଦନେଶ୍ୱର,୨୧।୧ (ସମିସ)

ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇର ତାଳସାରୀ ବେଳାଭୂମି ଠାରୁ ସୁବର୍ଣ୍ଣରେଖା ମୁହାଁଣ ପର୍ଯ୍ୟନ୍ତ ୧୫ କିମି ଦୀର୍ଘ ସମୁଦ୍ରରେ ଆଜି ଜଙ୍ଗଲ ବିଭାଗ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଡ଼ଲଫିନ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ୧୫ଟି




**୧୫ଟି ଡଲଫିନ ଠାବ**

ଡ଼ଲଫିନ ଚିହ୍ନଟ କରାଯାଇଛି । ଉକ୍ତ ଡ଼ଲଫିନ ଗଣନା କାର୍ଯ୍ୟକ୍ରମରେ ଜଳେଶ୍ୱର ବନ୍ୟଜୀବ ବନାଞ୍ଚଳ ସହକାରୀ ବନ୍ୟ ସଂରକ୍ଷକ ଜୟଶ୍ରୀ ମୁର୍ମୁ, ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି, ଜଳେଶ୍ୱର ବନରକ୍ଷୀ ରଞ୍ଜିତା ବିଶ୍ୱାଳ, ଉଦୟପୁର ବନରକ୍ଷୀ ପ୍ରମିଳା ସେଣ, ସବୁଜ ବାହିନୀର ସ୍କୁଆଡ଼ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

# ୩୧ରେ ମେଗା ରକ୍ତଦାନ ଶିବିର



ନୀଳଗିରି, ୨୧।୧ (ସମିସ): ଦିନକୁଦିନ ବାଲେଶ୍ୱର ସମେତ ନୀଳଗିରି ଅଞ୍ଚଳରେ ରକ୍ତର ଅଭାବ ଦେଖାଦେଇଥିବାରୁ ସରକାରୀ ଏବଂ ବେସରକାରୀ ସ୍ତରରେ ସଚେତନତା ଅଭିଯାନ ସୃଷ୍ଟି କରାଯାଇ ରକ୍ତସଂଗ୍ରହ କରାଯାଉଛି। ଏଭଳି ସାମାଜିକ ସେବାମୂଳକ କାର୍ଯ୍ୟକୁ ହାତକୁ ନେଇଛି ନୀଳଗିରିର ଉଭୟ ଓକିଲସଂଘ ଏବଂ ମୋହରିର ସଂଘ। ଏହି ଉପଲକ୍ଷେ ଆଗାମୀ ଜାନୁଆରୀ ୩୧ତାରିଖ ଏକମେଗା ରକ୍ତଦାନ ଶିବିର ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଦିବସ ପୂର୍ବାହ୍ନ ୯ଘଟିକା ସମୟରେ ଅଦାଲତ ପରିସରରେ ଏହି ମେଗା ରକ୍ତଦାନ ଶିବିର ଆୟୋଜିତ ହେବ ବୋଲି ଆଜି ଅପରାହ୍ନ ୩.୩୦ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ନୀଳଗିରି ଉପଖଣ୍ଡ ଓକିଲସଂଘର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସମ୍ପାଦକ କିଶୋର ଦାସ ନୀଳଗିରି ଓକିଲସଂଘର ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦେବେନ୍ଦ୍ର ପଣ୍ଡାଙ୍କ ସମେତ ମୋହରୀର ସଂଘର କାର୍ଯ୍ୟକର୍ତ୍ତା ଏବଂ ଉଭୟ ଓକିଲସଂଘର ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ନୂତନ କୃଷି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଜଳେଶ୍ୱର, ୨୧।୧ (ସମିସ): ଜଳେଶ୍ୱର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟର ବ୍ଲକ କୃଷି ଅଧିକାରୀ ପଦ ଦୀର୍ଘଦିନ ଧରି ଖାଲି ପଡିବା ପରେ ଶେଷରେ ନୂତନ କୃଷି ଅଧିକାରୀ ଭାବେ ଅମୀୟ କୁମାର ଜେନା ଯୋଗଦେଇଛନ୍ତି। ସେ ପୂର୍ବରୁ ଓଡିଶା ରାଜ୍ୟ ବିହନ ନିଗମ ପ୍ରା. ଲିରେ ବିହନ ପ୍ରସେସିଂ କରଣ ବିଭାଗରେ କାର୍ଯ୍ୟରତ ଥିଲେ। ଆଜି ଜଳେଶ୍ୱର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ତଥା ବାଲିଆପାଳ କୃଷି ଅଧିକାରିଣୀ ରଂଜିତା ପାତ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟରେ



ଯୋଗଦାନ ପରେ ଜଳେଶ୍ୱର କୃଷି କାର୍ଯ୍ୟାଳୟର ସହକାରୀ କୃଷି ବୈଷିକ ପରିଚାଳକ ରାଜ କିଶୋର ଦାସ, ଚିନ୍ମୟ କୁମାର ବ୍ରହ୍ମ, କୃଷି ବୈଷିକ ପରିଚାଳିକା ଲୁସନା ସିଂହ, ଗ୍ରାମ୍ୟ କୃଷି କର୍ମଚାରୀ ସନ୍ତୋଷ ପଣ୍ଡା, ନିଳାଦ୍ରୀ ବିହାରୀ ପଟ୍ଟାୟତ, ସୁଶାନ୍ତ ପାତ୍ର ଏବଂ ଏଗ୍ରୀକଲଚର ଅଭରସିଅର (ଏ.ଓ) ପଦ୍ମଲୋଚନ ବାରିକ ପ୍ରମୁଖ ଫୁଲତୋଡା ଦେଇ ଅଭିନନ୍ଦନ ଜଣାଇଛନ୍ତି। ନୂତନ ଅଧିକାରୀ ଯୋଗଦେଇ କହିଛନ୍ତି ଯେ ଜଳେଶ୍ୱରରେ କୃଷିର ଉନ୍ନତି ସହିତ କୃଷକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।

### ଆତ୍ମୀୟଙ୍କ ଅସ୍ଥି ବିସର୍ଜନ କରି ଫେରିବାବେଳେ

# ଦୁର୍ଘଟଣାରେ ଯୁବକ ମୃତ

ନୀଳଗିରି, ୨୧।୧ (ସମିସ): ପରିବାର ବନ୍ଧୁବାନ୍ଧବ ସହ ଆଦିବାସୀ ପରମ୍ପରା ଅନୁଯାୟୀ ମୃତ ଆତ୍ମୀୟ ପରିଜନଙ୍କ ଅସ୍ଥିବିସର୍ଜନ ପାଇଁ ଯାଇ ଫେରୁଥିବା ସମୟରେ ପୋଲରେ ବାଡେଇହୋଇ ଜୈନିକ ଯୁବକଙ୍କ ଜୀବନ ଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା କାଇଁଶି ଗ୍ରାମର କୁଆଁର ମୁର୍ମୁଙ୍କ ପୁଅ ଧୂମା ମୁର୍ମୁ(୨୫) ନାମକ ଯୁବକ ବରହମପୁର ଥାନା ଗରଡି ପଞ୍ଚାୟତ ଡାହିସାହି ଗ୍ରାମର ନିଜର ଶଶୁରଘର ଏବଂ ଉକ୍ତ ଗ୍ରାମର ଭଉଣୀଘରକୁ ମକର ଅବସରରେ ଆସିଥିଲେ। ତେବେ ବନ୍ଧୁଘରର ଲୋକଙ୍କ ସହିତ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ନିକଟବର୍ତ୍ତୀ ଭୀମକୁଣ୍ଡକୁ ଦାମଦର କରିବାକୁ ଯାଇଥିଲେ। ଧୂମା ଗତକାଲି ରାତ୍ରିପ୍ରାୟ ୯ଟା ସମୟରେ ଶଶୁରଘର ଡାହିସାହିକୁ ଏକ ବାଇକରେ ଫେରୁଥିବାବେଳେ ଗରଡି



ରାସ୍ତାର କୁଞ୍ଜିବଣିଆ ନିକଟସ୍ଥ ପୋଲରେ ବାଡେଇହୋଇ ପୋଲତଳେ ଥିବା ପାଣିରେ ବୁଡି ଯାଇଥିଲେ। ବୁଧବାର ସକାଳେ ସ୍ଥାନୀୟ ଲୋକେ ପାଣିରେ ଏକ ବାଇକ୍ ଭାସୁଥିବା ଦେଖିବାକୁ ପାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ବାଇକ୍ ଏବଂ ପରେ ଯୁବକ ଧୂମା ମୁର୍ମୁଙ୍କ ମୃତଦେହ ପାଣିଭିତରେ ଥିବା ଜାଣିବାକୁ ପାଇଥିଲେ। ନୀଳଗିରି ଅଗ୍ନିଶମବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିବାପରେ ସ୍ଥାନୀୟ ପୁଲିସ ଶବ ବ୍ୟବଚ୍ଛେଦ କରିବା ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ବେଳେ ବରହମପୁର ପୁଲିସ ୧୩/୨୬ରେ ମାମଲା ରୁଜୁକରି ଅଧିକ ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ମାନଭଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ବାଇଗଡ଼ିଆରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ନୀଳଗିରି, ୨୧।୧ (ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଞ୍ଚାୟତ ବାଇଗଡିଆ ଗ୍ରାମରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚଷାଖଣ୍ଡ ରାଜସ୍ୱ ଗ୍ରାମରେ ଆସୁଥିବା ଏହି ଗ୍ରାମରେ ୭୦ଟି ପରିବାରର ପ୍ରାୟ ୩୫୦ରୁ ଅଧିକ ଲୋକ ବସବାସ କରୁଥିବା ବେଳେ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଏଠାରେ ଫେଲ ମାରିଛି। ଗାଁରେ ପାଇଖାନା ନଥିବାରୁ ମହିଳାମାନେ ଲାଜସରମକୁ ଭୁଲି ବାହାରେ ଝାଡ଼ା ଯିବାକୁ ବାଧ ହେଉଛନ୍ତି। ନା ସରକାରଙ୍କ ନଜର ଅଛି ନା ଲୋକପ୍ରତିନିଧି ମାନଙ୍କର ଆଗ୍ରହ ଅଛି। ଲୋକମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଶୌଚ ଯାଉଥିବାରୁ ମହାମାରୀ ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଛି। ଏ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ହେଁ କୌଣସି ପ୍ରତିକାର ହୋଇନାହିଁ। ଦୀର୍ଘ ଦୁଇବର୍ଷ ଧରି ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ (ପିଡି ଡି ଆର ଡି ଏ)ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଶୂନ ବୋଲି ଅଭିଯୋଗ କରିଛନ୍ତି। ତେବେ ଏ ନେଇ ଶ୍ରୀ ନାୟକ ଏହି ଆଦିବାସୀ ବହୁଳ ଗ୍ରାମରେ ତୁରନ୍ତ ପରିମଳ ବ୍ୟବସ୍ଥାର ସୁଧାର ସହିତ ପାଇଖାନା ନିର୍ମାଣକୁ ଅଗ୍ରାଧିକାର ଦେବାକୁ ପିଡି ଡିଆରଡିଏଙ୍କୁ ଅନୁରୋଧକରି ଚିଠି ଲେଖିଥିବା ସୂଚନା ମିଳିଛି।

# ମହାବୀର କ୍ରିକେଟ; ତୋଟାପଡ଼ା ଚାମ୍ପିଅନ



ଖଇରା,୨୧।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ଗ୍ରାମ ପଞ୍ଚାୟତ ଅଧୀନ ବାରାହାପୁର ଚନ୍ଦନପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ତୋଟାପଡାର ଡେଞ୍ଜର ଇଲେଭେନ ଟିମ୍ ପାଇକାଳପୁର ୟୁନାଇଟେଡ କ୍ଲବକୁ ୪୩ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ତୋଟାପଡା ନିର୍ଦ୍ଧାରିତ ୨୦ ଓଭରରେ ୧୮୭ ରନ ସଂଗ୍ରହ କରିଥିଲା। ଜବାବରେ ପାଇକାଳପୁର ନିର୍ଦ୍ଧାରିତ ଓଭରରେ ୧୪୪ରନ ସଂଗ୍ରହ କରି ପରାଜୟ ସ୍ୱୀକାର କରିଥିଲା। ଶଶିକାନ୍ତ ମାଝୀ ଓ ରତ୍ନାକର ମାଝୀ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଯୁବନେତା ନୀଳମାଧବ ପଣ୍ଡା ମୁଖ୍ୟଅତିଥି, ସରପଞ୍ଚ ପ୍ରକାଶ କୁମାର ଲେଙ୍କା, ଯୁବନେତା ଶଙ୍କର୍ଷଣ ମାଝୀ, ଅରୁଣ ଘୋଷ, ସୁବାଷ ଚନ୍ଦ୍ର ମାଝୀ, ଶତ୍ରୁଘ୍ନ ମହାନ୍ତି ଓ ନଟବର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ତୋଟାପଡା ଟିମକୁ ଟ୍ରଫି ସହ ୧୨ହଜାର ଏବଂ ରନର୍ସ ଅପ୍ ଟିମକୁ କପ ସହ ୮ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମହାବୀର ୟୁଥ କ୍ଲବର ସଦସ୍ୟ ରାଜେନ୍ଦ୍ର ମାଝୀ, ପ୍ରିୟଜିତ ମାଝୀ, ଜ୍ୟୋତିରଞ୍ଜନ ଘୋଷ, ସନ୍ତୋଷ ମାଝୀ ଓ ଭଗବାନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ




ଭୋଗରାଇ, ୨୧।୧(ସମିସ): ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ଅଧିନ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ କୃତ୍ତିବାସ ସାହୁ ଯୋଗଦେଇ ଆଧାତ୍ମିକ ଓ ବିଜ୍ଞାନ ମଧ୍ୟରେ ସମନ୍ୱୟ ବାର୍ତ୍ତା ଦେଇଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ଗଣିତ ବିଭାଗର ପ୍ରାଧାପକ ସୁକାନ୍ତ କୁମାର ଗିରି ଯୋଗଦେଇ ଭାରତ ବର୍ଷରେ ବିଜ୍ଞାନକୁ ଅବଦାନ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଜଗଦୀଶ ଗିରି ପ୍ରାଚୀନ ବିଜ୍ଞାନ ଏବଂ ଆଧୁନିକ ବିଜ୍ଞାନ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଝିଲିମଣି ନାୟକ ମଞ୍ଚ ଆହ୍ୱାନ କରିଥିଲା ବେଳେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଦିଲ୍ଲୀପ କୁମାର ଜେନା ଅତିଥି ପରିଚୟ ଓ ଅଧାପକ ଦେବାଶିଷ ପଣ୍ଡା ବେଦ ପାଠ କରିଥିଲେ। ଗଣିତ ବିଭାଗର ମୁଖ୍ୟ ପ୍ରଶାନ୍ତ କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ରାସାୟନ ବିଜ୍ଞାନର ମୁଖ୍ୟ ଦିନକୃଷ୍ଣ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ନୟନ ପ୍ରଧାନ, ପ୍ରଶାନ୍ତ ଜେନା, ପ୍ରୀତିରାଣୀ ସେଠୀ, ରାମକୃଷ୍ଣ ଦାସ, ରାମକୃଷ୍ଣ ନନ୍ଦୀ, ଦୁଷ୍ମନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଦୀପ ଜେନା, ସୁବାଷ ଚନ୍ଦ୍ର ପାତ୍ର, ଅନନ୍ତ କୁଣ୍ଡ, ଚନ୍ଦନ ଜେନା, ଚନ୍ଦନ ପଣ୍ଡା, ଭଗବାନ ଦାସ, ସୁଶାନ୍ତ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଲକ୍ଷ୍ମୀନାରାୟଣ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

ବାଲେଶ୍ୱର,୨୧।୧(ସମିସ): ବାଲେଶ୍ୱର ସହରର ସୁନହଟ ପାତ୍ରପଡ଼ାଠାରେ ଲକ୍ଷ୍ମୀ ନାରାୟଣ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ନବମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହରିହାଟ କମିଟି ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଂଟକୁ ଯୁବ ସଂଗଠକ ନଳିନୀ ରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। ବିଗତ ୮ବର୍ଷ ଧରି ଏହି ଟୁର୍ଣ୍ଣାମେଂଟ ସଫଳତାର ସହ ଆୟୋଜିତ ହେଉଥିବା ବେଳେ ଏହା ଦୀର୍ଘଜୀବି ହେଉ ବୋଲି ଶ୍ରୀ ଦାସ କାମନା କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ମୋହନ ଚରଣ ବାରିକ, ନାରାୟଣ ଦାସ ଓ ବିଜୟ କୁମାର ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଂଟରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଂଟର ପ୍ରଥମ ମ୍ୟାଚ ଜଗଦିଶ ଓ ବିଭୁ ଯୋଡି ସହିତ ପୁପୁନ ଓ ଜଗନ ଯୋଡିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଂଟରେ ଅନ୍ୟ ଯୋଡି ଭାବେ ପିନାକୀ ଓ ସମୁଦ୍ର ସହ ଫିଂଟୁ ଓ ବିର, ରିଙ୍କୁ ଓ ଗୋଲ୍‌ଡି ସହ ବିଶୁ ଓ ଆୟୁଷ୍ମାନ ଏବଂ ପାପନ ଓ ସାଥି ସହ ଆଜାରୁଦ୍ଦିନ ଓ ଅଭିଷେକଙ୍କ ମଧ୍ୟରେ ପର୍ଯ୍ୟାୟ କ୍ରମିକ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୋହନ ବାରିକ, ବିଜୟ କୁମାର ପାଢୀ ଓ ସନ୍ତୋଷ କୁମାର ସୁତାର ପ୍ରମୁଖ ଆମ୍ପାୟର ଭାବେ ଏହି ଟୁର୍ଣ୍ଣାମେଂଟ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଂଟ ଶେଷରେ ଚାମ୍ପିଅନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଦୀପକ ମାଝୀ, ଦୀପକ ବେହେରା, ସୁବାଷ ମାଝୀ, ରମେଶ ମାଝୀ, ଅମର ଜେନା, ଟିକିଲି ମାଝୀ, ଭବେନ୍ଦ୍ର ତରେଇ, ଦେବାଶିଷ ମାଝୀ, ହଂସଗୋପାଳ ପାଢୀ, ବବଲୁ ମାଝୀ, ସୋନୁ ମାଝୀ, ଚନ୍ଦନ ତରେଇ, ଟୁକୁ ମାଝୀ, ପଙ୍କଜ ମାଝୀ ପ୍ରମୁଖ ଟୁର୍ଣ୍ଣାମେଂଟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟର ବାର୍ଷିକୋତ୍ସବ



ଖଇରା,୨୧।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ଦିନ ପିଲାମାନଙ୍କ ନାଚ ଗୀତ ସାଙ୍ଗକୁ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ଅନିତାରାଣୀ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରବିନ୍ଦ୍ର ନାୟକ ମୁଖ୍ୟଅତିଥି, ଅଧାପିକା ଅଳକାନନ୍ଦା ସାହୁ, ସୁଲୋଚନା ଦାସ, ଅଧାପକ ବସନ୍ତ କୁମାର ସୂତାର, ଅର୍ଜୁନ ଚରଣ ଲେଙ୍କା, ଭାସ୍କର ମାଝୀ, ବିଷ୍ଣୁପ୍ରସାଦ ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡା, ସାହିତ୍ୟ ଓ ସାଂସ୍କୃତିକ ଚାମ୍ପିୟନ ତଥା କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମମତାମୟୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ରମାକାନ୍ତ ପଣ୍ଡା, ଗୋବିନ୍ଦ ସାହୁ, ମହେଶ୍ୱର ଦାସ, କସ୍ତୁରିକନିକା ଦାସ, ରମା ଦାସ, ଲକ୍ଷ୍ମୀଧର ଜେନା, ମହେଶ୍ୱର ବାରିକ, ବୀଣାପାଣି ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଚୁଲି ନିଆଁ ଲାଗି ମହିଳା ଗୁରୁତର

ନୀଳଗିରି, ୨୧।୧ (ସମିସ): ନୀଳଗିରି ଥାନା ଅଧୀନସ୍ଥ ଶ୍ୟାମସୁନ୍ଦରପୁର ପଞ୍ଚାୟତ କଣ୍ଟିଆଟିକର ଗ୍ରାମର ମୃତ୍ୟୁଞ୍ଜୟ ମହାକୁଡ଼ଙ୍କ ସ୍ତ୍ରୀ ଲିଜାରାଣୀ ମହାକୁଡ଼ ଗତ ୧୯ ତାରିଖ ଦିନ ଘରେ ରୋଷେଇ କରୁଥିବା ବେଳେ ଅଜାଣତରେ ପିନ୍ଧା ଶାଢ଼ୀରେ ଚୁଲି ନିଆଁ ଲାଗିଯାଇଥିଲା। ଫଳରେ ଲିଜାରାଣୀଙ୍କ ଶରୀର ୭୦ ପ୍ରତିଶତ ପୋଡି ଯାଇଛି। ପରିବାର ଲୋକେ ସଙ୍ଗେ ସଙ୍ଗେ ବାଲେଶ୍ୱର ମେଡିକାଲ, ପରେ ଗୁରୁତର ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସ୍ୱାମୀ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ଦୁଇଟି ସନ୍ତାନ ଅଛନ୍ତି। ପାଖ ପାଖି କୋଡ଼ିଏ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହିଥିବା ବେଳେ ଏତେ ଟଙ୍କା ତାଙ୍କ ପାଇଁ ସାତ ସପନ। ସ୍ତ୍ରୀ ର ଶରୀର ଭଲ ହେବା ପାଇଁ ସ୍ୱାମୀ ସମସ୍ତଙ୍କୁ ଗୁହାରି କରୁଥିବା ବେଳେ ଯଦି କେହି ବଦାନ୍ୟ ବ୍ୟକ୍ତି ସହଯୋଗର ହାତ ବଢ଼ାନ୍ତି ତେବେ ତାଙ୍କ ମୋବାଇଲ ନମ୍ବର ୭୦୦୮୫୬୯୧୭୭ରେ ଯୋଗା ଯୋଗ ପାଇଁ ନିବେଦନ କରିଛନ୍ତି।

# ପାଗଳ କୁକୁର କାମୁଡ଼ାରେ ୧୨ ଗୁରୁତର

ତୁରୁମୁଙ୍ଗା, ୨୧।୧ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳରେ ଏକ ପାଗଳ କୁକୁର ଆତଙ୍କ ଖେଳାଇଛି। ଏହି କୁକୁର କାମୁଡ଼ାରେ ୧୨ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ବୁଧବାର ସକାଳୁ ପାଗଳ କୁକୁର କାମୁଡ଼ାରେ ବେଗନା ଗ୍ରାମର ୭ ଜଣ ଗୁରୁତର ହୋଇଥିବା ବେଳେ ସନ୍ଧ୍ୟାରେ ଆଉ ୫ ଜଣଙ୍କୁ କାମୁଡ଼ି ଲହୁ ଲୁହାଣ କରିଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ବ୍ୟକ୍ତିମାନେ ହେଲେ ପାଟଣା ଥାନା ବେଗନା ଗ୍ରାମର ସିଲୁ ନାଏକ(୩୦), କ୍ରିସ୍ ନାଏକ (୫), ଦିବ୍ୟ ସେଠୀ (୨୦), ଦୈତାରୀ ମହାନ୍ତ (୪୦), ବନିତା ସେଠୀ(୨୫), ସାଇ ଶ୍ରଦ୍ଧା ସେଠୀ(୩), ବର୍ଷାରାଣୀ ମହାନ୍ତ(୨୦)। ସେହିପରି ଅସନପାଟ ଗ୍ରାମର ନିରଞ୍ଜନ ଗିରି (୨୧), ପାଟଣାର ଅଜିତ ମୁଣ୍ଡା (୧) ଓ ଭାଲିଆଡାଳ ଗ୍ରାମର ଶକୁନ୍ତଳା ମହାନ୍ତ (୨୭), ନୂଆପଡ଼ା ଗ୍ରାମର ପପୁନ ନାଏକ (୭), ମଲ୍ଲିପଶି ଗ୍ରାମର ହିମାଂଶୁ ଶେଖର ବିଶ୍ୱାସ (୬୦) ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।



# ଧଳା ଜହର କାରବାରରେ ୩ ଗିରଫ

ଯୋଡ଼ା,୨୧।୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା କଣ୍ଡରା ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଧଳାଜହର (ବ୍ରାଉନ୍‌ସୁଗର୍) କାରବାରରେ ସଂପୃକ୍ତ ୩ଜଣଙ୍କୁ ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କ ସୂଚନା ମୁତାବକ ଇନ୍ସପେକ୍ଟର ଆଲୋକ କୁମାର ପରିଡ଼ା ଏବଂ ସହକର୍ମୀ ମଙ୍ଗଳବାର ସନ୍ଧ୍ୟାରେ କଣ୍ଡରା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବ୍ରାଉନ୍‌ସୁଗର୍ କାରବାର ଖବର ପାଇ ସେଠାରେ ଚଢ଼ଉ କରି ଘଟଣାସ୍ଥଳରୁ କିଛି ବ୍ରାଉନ୍‌ସୁଗର ଜବତ କରିଥିଲେ। ଏଥିସହ ଓଡି ୦୯ ଏଇ-୦୦୮୯ ନମ୍ବର ବିଶିଷ୍ଟ କାର୍, ୩ ଟି ମୋବାଇଲ ଫୋନ ଏବଂ ନଗଦ ୧୮ ହଜାର ୨ଶହ ଟଙ୍କା ଜବତ କରିବା ସହ ଏନ୍‌ଡିପିଏସ୍ ମାମଲା କେସ୍ ନଂ ୨୧/୨୦୨୬ ରୁଜୁକରିଛି। ଗିରଫ



ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ସିଭଗଞ୍ଜ ଜିଲ୍ଲାର ରିଣ୍ଟୁ ଅନସାରୀ (୩୦), ଯୋଡ଼ା ବ୍ଲକ୍ ଗୁଆଳି ଅଞ୍ଚଳର ଦେବବ୍ରତ ବାରିକ (୩୪) ଏବଂ ଲୋଇଡ଼ାପଦା ଅଞ୍ଚଳର ସିରପାଣି ମୁଣ୍ଡା(୩୦)। ତେବେ ଆଗକୁ ତଦନ୍ତ ଜାରି ରହିବା ସହ ଅଞ୍ଚଳରେ ଯୋଡ଼ା ପୁଲିସର ତୀକ୍ଷ୍ଣ ନଜର ରହିଛି ବୋଲି ଯୋଡ଼ା ପୁଲିସ ତରଫରୁ ସୂଚନା ଦିଆଯାଇଛି।

# ଗଳା ପୋଲ ଓ ରାସ୍ତା ସମସ୍ୟାର ସମାଧାନ ଦାବି

କଳାବାଡିଆ, ୨୧।୧(ସମିସ): ମାସା ଆର୍ମି ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡିଙ୍କ ପରାମର୍ଶ କ୍ରମେ ଆଜି ବାଙ୍ଗରିପୋଷୀ ମାସା ଆର୍ମି ବ୍ଲକ ସଭାପତି ସାନେଲ ମୁର୍ମୁଙ୍କ ତତ୍ତ୍ୱାବଧାନରେ ବାଙ୍ଗିରିପୋଷୀ ବ୍ଲକ କମିଟି ପକ୍ଷରୁ ବାଙ୍ଗରିପୋଷୀ ବ୍ଲକ ଏବିଡିଓ ଓ ଆରଡବ୍ଲ୍ୟୁଡି ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ବାଙ୍ଗିରିପୋଷୀ ପେଟ୍ରୋଲ ପମ୍ପ ନିକଟରେ ସାଉଥ୍ ଇଷ୍ଟର୍ଣ୍ଣ ରେଳବାଇ ଖଡ଼ଗପୁର ଡିଭିଜନ ଦ୍ୱାରା ନିର୍ମାଣ ହୋଇଥିବା ଗୋଳା ପୋଲ ମଧ୍ୟରେ ବର୍ଷସାରା ପାଣି ଜମିରହୁଛି। ଫଳରେ ଯାତାୟାତ କରିବାରେ ଅନେକ ବାଧା ସୃଷ୍ଟି ହେଉଛି ଓ ଦୁର୍ଘଟଣା ହେବାର ଆଶଙ୍କା ମଧ୍ୟ ଉପୁଜିଲାଣି। ତେଣୁ ଗୋଳା ପୋଲ ପରିବର୍ତ୍ତେ ଓଭରବ୍ରିଜ୍ ନିର୍ମାଣ ପାଇଁ ବାଙ୍ଗରିପୋଷୀ ଏବିଡିଓଙ୍କ ମାଧ୍ୟମରେ ଏସଇଆର ଚିଫ୍ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପିଏମ୍‌ଜିଏସ୍‌ୱାଇ ଅଧୀନରେ ଆସୁଥିବା ରାସ୍ତା ଶ୍ୟାମସୁନ୍ଦରଠାରୁ ଆଉଁଳାଗଞ୍ଜା, ବୁଢ଼ୀଖମାରି, ଗୋଠାଣିଦା ଦେଇ ଜଳଡିହାରେ ଶେଷ ହୋଇଥିବା ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଫଳରେ ଜରୁରିକାଳୀନ ସେବା ବାଧାପ୍ରାପ୍ତ ହେଉଛି। ଏ ଗୁଡିକର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ମାସା ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଅନନ୍ତ ମାର୍ଣ୍ଡି, ପ୍ରଧାନ ମୁର୍ମୁ, ବାଲିଆ ମୁର୍ମୁ, କଲ୍ୟାଣ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ବଳରାମଗଡ଼ିରେ ଗଙ୍ଗାସାଗର ମେଳା

ବାଲେଶ୍ୱର,୨୧।୧ (ସମିସ)

ପବିତ୍ର ମକର ସଂକ୍ରାନ୍ତିଠାରୁ ବୁଢ଼ାବଳଙ୍ଗ ନଦୀମୁହାଣ ତଥା ବଙ୍ଗୋପସାଗର ଉପକୂଳ ବଳରାମଗଡ଼ିଠାରେ ଆରମ୍ଭ ହୋଇଥିବା ୭ ଦିନିଆ ଗଙ୍ଗାସାଗର ମେଳା ପାଳିତ ହୋଇଯାଇଛି। ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଏହି ମେଳାରେ ପ୍ରବଳ ଜନଗହଳି ହୋଇଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ମଣ୍ଡପରେ ପୂଜା ପାଉଥିବା ଗଙ୍ଗା, ଯମୁନା, ସରସ୍ୱତୀ ଓ ଭଗୀରଥଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ କିଛି ବର୍ଷ ଧରି ମନ୍ଦିରରେ ସ୍ଥାପିତ ମା ଗଙ୍ଗା ମାତାଙ୍କ ମୃଣ୍ମୟୀ ମୂର୍ତ୍ତୀ ପୂଜା ପାଉଛନ୍ତି । ମା'ଙ୍କ ଦର୍ଶନ ପାଇଁ ବିଭିନ୍ନ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ପହଂଚିଥିବା ଲକ୍ଷ୍ୟ କରାଯାଇଥିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲେଶ୍ୱର, ଜଳେଶ୍ୱର ଓ ସୁଦୂର କୋଲକାତାରୁ ବ୍ୟବସାୟୀମାନେ ଅସ୍ଥାୟୀ କ୍ୟାମ୍ପ ଜରିଆରେ ବିଭିନ୍ନ ପ୍ରକାର ଦୋକାନ ଖୋଲି ଏହି ମେଳାର ଶୋଭାକୁ ଅଧିକ ବଢ଼ାଇଥିଲେ। ଶତାଧିକ ଉଠା ଦୋକାନୀ ଆସି ନିଜ ନିଜ ଷ୍ଟଲ ମାଧ୍ୟମରେ ୭ ଦିନ ମଧ୍ୟରେ ଭଲ ବେପାର କରିଥିବା ଜଣାପଡିଛି। ପ୍ରତ୍ୟେକ ଦିନ ସଂଧାରେ ମେଲୋଡି, ଭଜନ ସଂଧା ଓ ରାତିରେ ଅପେରା ନାଚ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭ ଦିନ ଧରି ଚାଲିଥିବା ଏହି ମେଳାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତିଦିନ ୫ ହଜାରରୁ ଅଧିକ ଭକ୍ତଙ୍କ ପାଇଁ ସାମୁହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବଳରାମଗଡ଼ି ଘାଟରୁ ମାଛ ମାରିବାକୁ ସମୁଦ୍ରକୁ ଯାଉଥିବା ହଜାରେରୁ ଅଧିକ ଟ୍ରଲର, ଗିଲ୍‌ନେଟିଂ, ଭୁଟ୍‌ଭୁଟି ପ୍ରଭୃତି ଏହି ମେଳା ସମୟରେ ଫିସିଂ ବନ୍ଦ ରଖିବା ସହ ଗଙ୍ଗାମାତାଙ୍କଠାରେ ପୂଜାର୍ଚ୍ଚନା କରିଥିଲେ। ଆଗରୁ ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ମତ୍ସ୍ୟଜୀବୀଙ୍କ ଡଙ୍ଗାରେ ଦିଗବାରିଣୀ ଯନ୍ତ୍ର ନଥିବା ବେଳେ ଗଙ୍ଗାମାତାଙ୍କୁ ସ୍ମରଣ କରି ରାତିରେ ଚନ୍ଦ୍ର ଓ ତାରାଙ୍କ ଗତିବିଧିକୁ ଲକ୍ଷ୍ୟ କରି ଭଲରେ କୂଳକୁ ଫେରି ଆସୁଥିଲେ। ସର୍ବଦା ସହାୟ ହେଉଥିବା ମାଆଙ୍କ ପୂଜାର୍ଚ୍ଚନା ପାଇଁ ମକର ସଂକ୍ରାନ୍ତିଠାରୁ ବର୍ଷର ୭ ଦିନ ଏହି ମେଳା ବସାଇବା ସହିତ ଏହି ଦିନମାନଙ୍କରେ



ସମସ୍ତେ ମାଛମାରିବା ବନ୍ଦ କରିଥା'ନ୍ତି। କାହିଁ କେଉଁ ଅମଳରୁ ଏହି ପରମ୍ପରା ରହି ଆସିଛି ବୋଲି ଗଙ୍ଗା ସାଗର ମେଳା ପରିଚାଳନା କମିଟି କର୍ମକର୍ତ୍ତା ପ୍ରକାଶ କରିଥିଲେ। ଚଳିତ ବର୍ଷର କମିଟିର ସଭାପତି ତ୍ରିଲୋଚନ ବସ୍ତିଆ, ଉପସଭାପତି ଆନନ୍ଦ ତ୍ରିପାଠୀ, ସମ୍ପାଦକ ସୁନୀଲ ମହାରଣା, ପ୍ରଭାଂଶୁ ଶେଖର ସିଂହ, ହରେକୃଷ୍ଣ ବାରିକ, ବିନୋଦ ତ୍ରିପାଠୀ, ଶ୍ରୀଧର ମାଝୀ, ହରିହର ବାରିକ, ପୁରୁଷୋତମ ମାଝୀ, ଉପେନ୍ଦ୍ର ବେହେରା, ଯୁଧିଷ୍ଠିର ସାହୁ, ଅକ୍ଷୟ ସ୍ୱାଇଁ, ବାବୁ ଭାଇ, ରଥିନ ହଟେଇ, ଶ୍ରୀମନ୍ତ ମଣ୍ଡଳ, ସଞ୍ଜୟ କୁମାର ଜାନା, ରଞ୍ଜିତ ମହାପାତ୍ର, ଅକିଂଚନ ବର୍ଦ୍ଧନ, ମନୋରଞ୍ଜନ ମହାପାତ୍ର ପ୍ରମୁଖ ସଦସ୍ୟଏହି ମେଳା ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ।

